# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା



ସଂଖ୍ୟା – ୭୭ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୯ ତାରିଖ: ୨୫.୦୯.୨୦୨୬


## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୧୯.୦୯.୨୦୨୬ ରୁ ୨୫.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 32 | 23 | 69.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୬-୦୯-୨୦୨୬ | ୨୭-୦୯-୨୦୨୬ | ୨୮-୦୯-୨୦୨୬ | ୨୯-୦୯-୨୦୨୬ | ୩୦-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 80 | 30 | 10 | 5 | 4 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 29 | 29 | 29 | 30 | 30 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 24 | 24 | 24 |
| ମେଘ ଆବରଣ(ଓକଟା) | 8 | 7 | 5 | 5 | 4 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 94 | 91 | 92 | 93 | 88 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 82 | 71 | 62 | 58 | 52 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 23 | 22 | 6 | 6 | 5 |
| ପବନର ଦିଗ (ଡିଗ୍ରୀ) | 95 | 199 | 238 | 280 | 290 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ବର୍ଷା ହେବା ସହିତ ସପ୍ତାହର ପ୍ରଥମ ଦିନ ଜିଲ୍ଲାର ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ଏବଂ ଆକାଶ ସମ୍ପୂର୍ଣ୍ଣ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ରହିଅଛି । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୫ ରୁ ୨୩ କି.ମି. ବେଗରେ ଦକ୍ଷିଣ-ପୂର୍ବ, ଦକ୍ଷିଣ-ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

### ସାଧାରଣ ଉପଦେଶ

- ଯେଉଁଠି ପର୍ଯ୍ୟାପ୍ତ ବର୍ଷା ହେବାର ସମ୍ଭାବନା ରହିଅଛି, ସେଠାରେ ଜଳସେଚନ କରନ୍ତୁ ନାହିଁ । ଫସଲ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳବନ୍ଦୀ ଅବସ୍ଥାକୁ ରୋକିବା ପାଇଁ ଅତିରିକ୍ତ କିମ୍ବା ଜମି ରହିଥିବା ପାଣିକୁ ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରନ୍ତୁ ।
- ବର୍ଷା ସମୟରେ କିମ୍ବା ଫସଲ ଓଦା ଥିବା ସମୟରେ ସାର ପ୍ରୟୋଗ ଏବଂ କୀଟନାଶକ କିମ୍ବା କବକନାଶକ ପ୍ରୟୋଗ କରନ୍ତୁ ନାହିଁ । ପାଗ ଶୁଖିଲା ଓ ଅନୁକୂଳ ଥିବା ସମୟରେ ଏହି କୃଷି କାର୍ଯ୍ୟ କରନ୍ତୁ ।
- ଅଧିକ ଆର୍ଦ୍ରତା ଫଳରେ କବକ ଓ ଜୀବାଣୁଜନିତ ରୋଗ ବୃଦ୍ଧି ପାଇପାରେ, ତେଣୁ ଫସଲରେ ପୋକ ଓ ରୋଗର ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ ।
- ଆଗକୁ ବର୍ଷା ଓ ଅଧିକ ବେଗରେ ପବନ ବହିବା ଯୋଗୁଁ ଗଛ ଭାଙ୍ଗି ପଡ଼ିବା କିମ୍ବା ଢଳି ପଡ଼ିବା ପରି ପରିସ୍ଥିତିକୁ ରୋକିବା ପାଇଁ ଉଚ୍ଚ ଏବଂ ଫଳ ଧାରଣ କରିଥିବା ଗଛଗୁଡ଼ିକୁ ଉପଯୁକ୍ତ ଖୁଣ୍ଟି କିମ୍ବା ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଅଧିକ ଆର୍ଦ୍ରତା ଫଳରେ ଆଗକୁ ବିଭିନ୍ନ ଠିଆ ଫସଲରେ କବକ ଓ ଜୀବାଣୁଜନିତ ରୋଗ ବୃଦ୍ଧି ପାଇବାର ସମ୍ଭାବନା ଦେଖାଦେଇପାରେ, ତେଣୁ ନିଜ ଫସଲରେ ରୋଗର ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ ।

# ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ସକ୍ରିୟ ପିଲ ଅବସ୍ଥା / କେଣ୍ଡା ଆରମ୍ଭ ଅବସ୍ଥା | • ପୂର୍ବରୁ ରହିଥିବା ପାଣିପାଗ ପରିସ୍ଥିତି ଯୋଗୁଁ କେତେକ ଧାନ କ୍ଷେତରେ ମାଟିଆଗୁଣ୍ଡି ପୋକ ବା ଚକଡ଼ା ପୋକର ଆକ୍ରମଣ ଦେଖାଦେଇଛି । ଯଦି ପୋକ ସଂଖ୍ୟା କ୍ଷେତରେ ପ୍ରତି ଗଛରେ **୫–୧୦ଟି ପୋକ** (ETL) ରୁ ଅଧିକ ଦେଖାଦିଅନ୍ତି, ତେବେ ବିକଳ୍ପ ଓଦା-ଶୁଖିଲା ପଦ୍ଧତି ଅନୁସରଣ କରି ଧାନ କ୍ଷେତରେ ସୁସ୍ଥ ପରିବେଶ ବଜାୟ ରଖନ୍ତୁ ଏବଂ ଦୀର୍ଘ ସମୟ ଧରି କ୍ଷେତରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ତଥାପି ଯଦି ମାଟିଆଗୁଣ୍ଡି ପୋକର ଆକ୍ରମଣ ଜାରି ରହେ, ନିମ୍ନଲିଖିତ ସୁପାରିଶକୃତ କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରୟୋଗ କରନ୍ତୁ: ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍‌ସି @ ୯୪ ମି.ଲି./ଏକର, ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. @ ୧୨୦ ଗ୍ରାମ୍/ଏକର, ଡିନୋଟେଫୁରାନ୍ ୨୦% ଏସ୍.ଜି. @ ୬୦–୮୦ ଗ୍ରାମ୍/ଏକର, ଥାୟାମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. @ ୪୦ ଗ୍ରାମ୍/ଏକର, ଇଥୋଫେନୋପ୍ରକ୍ସ ୧୦% ଇ.ସି. @ ୨୦୦–୩୦୦ ମି.ଲି./ଏକର, ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ୍/ଏକର କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୪୦୦–୬୦୦ ମି.ଲି./ଏକର ।<br>• କୀଟନାଶକ ପ୍ରୟୋଗ ସମୟରେ ପ୍ରତି ଏକର ପାଇଁ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ଏବଂ କେବଳ ସୁପାରିଶକୃତ କୀଟନାଶକକୁ ନିର୍ଦ୍ଧାରିତ ମାତ୍ରାରେ ଶୁଷ୍କ ଓ ସଫା ପାଗକୁ ଦେଖି କ୍ଷେତରେ ପ୍ରୟୋଗ କରନ୍ତୁ ।<br>• ଚକଡ଼ା ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ, ଯାହାଦ୍ୱାରା ପୋକର ଆକ୍ରମଣ ଅଧିକ ବଢ଼ିବାକୁ ରୋକାଯାଇପାରିବ ।<br>• ଆସନ୍ତା କିଛି ଦିନ ପର୍ଯ୍ୟନ୍ତ କୌଣସି ପ୍ରକାରର ସିଂଚନ କାର୍ଯ୍ୟ ହେତୁ ଚାଷୀଭାଇ ଅପେକ୍ଷା କରନ୍ତୁ । |
| ଚିନାବାଦାମ | ଫୁଲ ଓ ଓହଳ ଅବସ୍ଥା | • ଚିନାବାଦାମ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳବନ୍ଦୀ ଓ ଫଳିର ବିକାଶରେ ବାଧାକୁ ଏଡ଼ାଇବା ପାଇଁ ଅତିରିକ୍ତ/ଜମି ରହିଥିବା ପାଣିକୁ ଶୀଘ୍ର ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।<br>• ମାଟି ଅତ୍ୟଧିକ ଓଦା ଥିବା ସମୟରେ ଘାସ ବାଛିବା, ଅନ୍ତଃଚାଷ ଓ ମାଟି ଚଢ଼ାଇବା କାର୍ଯ୍ୟ କରନ୍ତୁ ନାହିଁ, କାରଣ ଏହା ମାଟି ଭିତରକୁ ପ୍ରବେଶ କରୁଥିବା ଓହଳ ଏବଂ ବିକାଶଶୀଳ ଫଳିକୁ କ୍ଷତି ପହଞ୍ଚାଇପାରେ ।<br>• ଓହଳ ପ୍ରବେଶ କରିବାର ୩୦ ଦିନ ମଧ୍ୟରେ କାଲସିୟମ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତ୍ତିକା ପରୀକ୍ଷା ନ ହୋଇ ସୁଦ୍ଧା ଚିନାବାଦାମ ଫସଲକୁ କାଲସିୟମ ନିମନ୍ତେ ଜିପସମ୍ ପ୍ରୟୋଗ କରିବା ଜରୁରୀ ଅଟେ । ଯଦି ପୂର୍ବରୁ ପ୍ରୟୋଗ କରାଯାଇନାହିଁ, ତେବେ ପୂର୍ଣ୍ଣ ଫୁଲ ଧରିବା କିମ୍ବା ପ୍ରାରମ୍ଭିକ ଓହଳ ଅବସ୍ଥାରେ ପ୍ରତି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପସମ୍ ପ୍ରୟୋଗ କରନ୍ତୁ । ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଏବଂ ଜଳବନ୍ଦୀ ନଥିବା ସମୟରେ ଏହା ପ୍ରୟୋଗ କରିବା ଉଚିତ ।<br>• ଖେତରେ ଅଧିକ ଆର୍ଦ୍ରତା ଥିବା ସ୍ଥିତିରେ ପତ୍ର ଦାଗ, କଳଙ୍କ ରୋଗ ଓ ଅନ୍ୟାନ୍ୟ କବକଜନିତ ରୋଗର ଆକ୍ରମଣ ଦେଖାଦେଇପାରେ । ତେଣୁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ଏବଂ ପାଗ ଶୁଖିଲା ଓ ଅନୁକୂଳ ଥିବା ସମୟରେ ହିଁ ରୋଗ ନିୟନ୍ତ୍ରଣ ପଦକ୍ଷେପ ନିଅନ୍ତୁ । |
| କଦଳୀ | ଅଙ୍ଗିୟ ଅବସ୍ଥା / ଫଳ ଅବସ୍ଥା | • ଆସନ୍ତା ଦିନରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଥିବାରୁ ସାର ପ୍ରୟୋଗ ଏବଂ କୀଟନାଶକ ତଥା କବକନାଶକର ପ୍ରୟୋଗ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।<br>• କଦଳୀ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମୂଳର କ୍ଷତି ଓ ପାନାମା ରୋଗକୁ ରୋକିବା ପାଇଁ ଖେତରେ ଜମିଥିବା ପାଣିକୁ ତୁରନ୍ତ ନିଷ୍କାସନ କରନ୍ତୁ ।<br>• ଅଧିକ ଉଚ୍ଚ ଓ କାନ୍ଧି ଧରିଥିବା କଦଳୀ ଗଛଗୁଡ଼ିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଭାଙ୍ଗି/ଉପୁଡ଼ି ନ ପଡୁ ସେଥିପାଇଁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀ ସାହାଯ୍ୟରେ ଗଛଗୁଡ଼ିକୁ ଭରା ଦିଅନ୍ତୁ ।<br>• ବଗିଚାରେ ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖିବା ସହ ଝଡ଼ି ପଡ଼ିଥିବା ଏବଂ ରୋଗାକ୍ରାନ୍ତ ଗଛପତ୍ର ବା ଅବଶେଷଗୁଡ଼ିକୁ ହଟାଇ ଦିଅନ୍ତୁ । |
| ଭେଣ୍ଡି | ଫଳ ଅବସ୍ଥା | • ଭେଣ୍ଡି ଫସଲରେ ଜଉ ପୋକ, ଧଳାମାଛି, ଉକୁଣିଆ ପୋକ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ପାଇଁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ । କାଣ୍ଡ ଓ ଫଳବିନ୍ଧା ପୋକର ବିସ୍ତାର ହ୍ରାସ କରିବା ପାଇଁ ଆକ୍ରାନ୍ତ କାଣ୍ଡ ଓ ଫଳଗୁଡ଼ିକୁ ନିୟମିତ ବ୍ୟବଧାନରେ ବାହାର କରି ନଷ୍ଟ କରିଦିଅନ୍ତୁ ।<br>• ଭେଣ୍ଡି ଫସଲରେ ହଳଦିଆ ଶିରା ମୋଜାଇକ୍ ଭାଇରସ୍, ପାଉଡରି ମିଲ୍ଡିଉ, ପତ୍ରଦାଗ ଓ ଅନ୍ୟାନ୍ୟ ରୋଗର ଲକ୍ଷଣ |

| | | |
|---|---|---|
| | | ପାଇଁ ନିୟମିତ ଭାବେ ଫସଲ ଯାଞ୍ଚ କରନ୍ତୁ । ଅଧିକ ଆକ୍ରାନ୍ତ ଗଛଗୁଡ଼ିକୁ ବାହାର କରି ନଷ୍ଟ କରନ୍ତୁ ଏବଂ କ୍ଷେତରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖନ୍ତୁ ।<br>• କିଛି ଦିନ ପର୍ଯ୍ୟନ୍ତ କୌଣସି ପ୍ରକାରର ଛିଞ୍ଚନ କାର୍ଯ୍ୟ କରନ୍ତୁ ନାହିଁ । |
| ଟମାଟୋ/ ବିଲାତି ବାଇଗଣ | ଫଳ ଅବସ୍ଥା | • ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ଏବଂ ଜମିରୁ ଜମା ପାଣି ବାହାର କରନ୍ତୁ, ଯାହାଦ୍ୱାରା ମୂଳ ଓ କାଣ୍ଡ ପଚା ରୋଗରୁ ରକ୍ଷା ମିଳିପାରିବ ।<br>• ଆସନ୍ତା ବର୍ଷା ଓ ପ୍ରବଳ ପବନର ଗତିକୁ ଧ୍ୟାନରେ ରଖି ଚାଷୀଭାଇମାନେ ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ସତର୍କତା ସମୟ ଅବଧିରେ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ କରନ୍ତୁ ନାହିଁ । |
| ପଶୁ ପାଳନ | • ଆସନ୍ତା ଦିନଗୁଡ଼ିକରେ ବର୍ଷା ଓ ବଜ୍ରପାତ ସହିତ ଝଡ଼ର ସମ୍ଭାବନା ଥିବାରୁ, ପଶୁମାନଙ୍କୁ ବିଦ୍ୟୁତ୍ ଉପକରଣଠାରୁ ଦୂରରେ ନିରାପଦ ଆଶ୍ରୟସ୍ଥଳୀରେ ରଖନ୍ତୁ ।<br>• ପଶୁଶାଳା ଭିତରକୁ ବର୍ଷା ପାଣି ପଶିବାକୁ ଦିଅନ୍ତୁ ନାହିଁ ଏବଂ ପଶୁଶାଳା ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।<br>• ସତର୍କତା ସମୟ ଅବଧିରେ ବଜ୍ରପାତ ଓ ପ୍ରବଳ ପବନରୁ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କୁ ନିରାପଦ ସ୍ଥାନରେ ସୁରକ୍ଷିତ ଭାବେ ବାନ୍ଧି ରଖନ୍ତୁ ଓ ବାହାରେ ଖୋଲା ସ୍ଥାନରେ ଛାଡନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।